ISSN: 2456-9194, Vol. III, Issue. III, Dec 2019

ପ୍ରତ୍ୟୟ

(Journal of Odia Language, Culture and Science)

JournalHomepage:http://cphfs.in/research.php



# ଓଡ଼ିଆଙ୍କ ପ୍ରାତ୍ୟାହିକ ଜୀବନ ଚର୍ଯ୍ୟାରେ ଭାଗବତର ଆବେଦନ

**ଡ. ପ୍ରଦୋଷ କୁମାର ସ୍ୱାଇଁ**

ବରିଷ୍ଠ ସହକାରୀ ପ୍ରାଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ

କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶା, କୋରାପୁଟ

ମୋ-୯୪୩୯୬୬୧୭୨୮

Email: pradosh.cu@gmail.com

*ସଂକ୍ଷିପ୍ତ ସାରମର୍ମ: ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଘରେ ପରିଚିତ ଜଗନ୍ନାଥ ଦାସଙ୍କ ଭାଗବତ କେବଳ ଯେଏକ ପୁରାଣ ତାହାନୁହଁ ଏହା ଆମ ଜାତୀୟ ସଂସ୍କୃତିର ପ୍ରତୀକ । ଧର୍ମ ଧାରଣାର ଆଶ୍ରୟ, ଓଡ଼ିଆର ଆତ୍ମପରିଚୟ, ସର୍ବୋପରି ଆମ ସାମାଜିକ ଜୀବନର ପ୍ରାଣ ସ୍ପନ୍ଦନ । ଓଡ଼ିଆ ଭାଗବତର ଲୋକପ୍ରିୟତା ପଛରେ ରହିଛି ଏହାର ସର୍ବକାଳୀନ ବ୍ୟବହାରିକ ଗୁଣ । ଜଣ ଠାରୁ ଗଣ, ବ୍ୟକ୍ତି ଠାରୁ ବ୍ୟଷ୍ଟି ପର୍ଯ୍ୟନ୍ତ ଏହି ଭାଗବତ ପ୍ରସରିଯାଇଛି ନିର୍ବିବାଦରେ । ଏଭଳି ଏକ ସର୍ବକାଳୀନ ଓ ସାର୍ବଜନିନ ସୃଷ୍ଟି ସମ୍ଭାର ମଧ୍ୟରେ ସନ୍ନିହିତ ପ୍ରୟୋଜନିୟ ବ୍ୟବହାରିକତାକୁ ଅନୁସନ୍ଧାନ କରିବା ଏହି ପ୍ରବନ୍ଧର ମୂଳ ଲକ୍ଷ୍ୟ । ଭାଗବତ ଭଳି ଏକ ସାହିତ୍ୟ ବିଷୟକୁ ଭିତ୍ତିକରି ଉକ୍ତ ପ୍ରବନ୍ଧର ପରିକଳ୍ପନା କରାଯାଉଥିବାରୁ ଏଥିରେ ବିଶ୍ଳେଷଣାତ୍ମକ ଗବେଷଣା ପଦ୍ଧତିକୁ ମୁଖ୍ୟତଃ ଗ୍ରହଣ କରାଯାଇଛି । ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତ ଏହି ପ୍ରବନ୍ଧର ମୂଳଉତ୍ସ ଭାବେ ଗ୍ରହଣ କରାଯାଇଥିବା ବେଳେ ଏହି ସମ୍ବନ୍ଧୀୟ ସମାଲୋଚନା ଗୁଡ଼ିକୁ ସହାୟକ ଉତ୍ସ ଭାବେ ଗ୍ରହଣ କରାଯାଇଛି ।*

*ମୂଳଶବ୍ଦ: ଜଗନ୍ନାଥ ଦାସ, ଭାଗବତ, ଓଡ଼ିଶୀ ସଂସ୍କୃତି, ଜୀବନ ଚର୍ଯ୍ୟା*

## I. ଗବେଷଣାତ୍ମକ ପ୍ରବନ୍ଧର ଉଦ୍ଦେଶ୍ୟ

- କବି ଜଗନ୍ନାଥ ଦାସଙ୍କ ସମକାଳୀନ ଧାର୍ମିକ, ସାହିତ୍ୟିକ ଓ ସାମାଜିକ ପରିମଣ୍ଡଳ ସମ୍ପର୍କରେ ସାମାନ୍ୟ ଧାରଣା ।
- ଜଗନ୍ନାଥ ଦାସଙ୍କ ଜୀବନ ସାଧନ ଓ ଦୃଷ୍ଟିଦର୍ଶନ ଓ ଅନୁବାଦ ନିପୁଣତା ସମ୍ବନ୍ଧରେ ଜାଣିବା ।
- ଓଡ଼ିଶାର ଗଣଜୀବନରେ ଭାଗବତର ସ୍ଥାନ ଆକଳନ ଓ ଭାଗବତର ଲୋକପ୍ରିୟତାର କାରଣ ଅନୁସନ୍ଧାନ ।
- ଭାଗବତର ଗଣ ଆବେଦନଶୀଳତା ଓ ପ୍ରୟୋଗ ଧର୍ମୀତାକୁ ଜାଣିବା ପାଇଁ ଉଦ୍ୟମ ।
- ଓଡ଼ିଆ ଭାଷାର ବିକାଶ ଓ ସମୃଦ୍ଧିରେ ଭାଗବତର ଭୂମିକା ନିର୍ଦ୍ଧାରଣ ।
- ଓଡ଼ିଶୀ ସମାଜ ଉପରେ ଭାଗବତର ପ୍ରଭାବ ଆକଳନ ।
- ଭାଗବତକୁ କେନ୍ଦ୍ର କରି ଗଢ଼ିଉଠିଥିବା ଅନନ୍ୟ ଓଡ଼ିଶୀ ସଂସ୍କୃତିର ସ୍ୱରୂପ ବିଶ୍ଳେଷଣ ।

## II. ପ୍ରବନ୍ଧର ବିଷୟବସ୍ତୁ

ଓଡ଼ିଆ ଲିଖିତ ସାହିତ୍ୟର ଉନ୍ମେଷ ପର୍ଯ୍ୟାୟରୁ ଷୋଡ଼ଶ ଶତାବ୍ଦୀର ସାହିତ୍ୟ ପର୍ଯ୍ୟନ୍ତ ଦୀର୍ଘ ଆଠଶହ ବର୍ଷର ଓଡ଼ିଆ ଶିଷ୍ଟ ସାହିତ୍ୟକୁ ଅନୁଧ୍ୟାନ କଲେ ଜଣାଯାଏ, ଏହି ଦୀର୍ଘ ବର୍ଷର ସାହିତ୍ୟିକ ପରମ୍ପରା ସମ୍ପୂର୍ଣ୍ଣ ଧର୍ମ କୈନ୍ଦ୍ରିକ । ଧର୍ମ ହିଁ ଥିଲା ଏହି ସାହିତ୍ୟର ବର୍ଣ୍ଣିତ ପ୍ରସଂଗ । ଜଟିଳ ଧର୍ମଦର୍ଶନର ବ୍ୟାଖ୍ୟା ବିଶ୍ଳେଷଣରେ ସ୍ରଷ୍ଟା କୂଳ ଆତ୍ମ ନିୟୋଗ କରିଥିବା ଲକ୍ଷ୍ୟ କରାଯାଏ । ଆଦି କବି ସାରଳା ଦାସ ପ୍ରଚଳିତ ପରମ୍ପରାକୁ ପରିବର୍ତ୍ତିତ କରି ସ୍ରଷ୍ଟା ଓ ସୃଷ୍ଟିକୁ ଦେଲେ ଭିନ୍ନ ଏକ ନୂତନ ପରିଚୟ । ସେ ହିଁ ପ୍ରଥମ ଥର ପାଇଁ ପ୍ରତିପାଦିତ କଲେ ଯେ ଧର୍ମର ଶୃଙ୍ଖଳିତ ପରିଧି ଭିତରେ ରହି ମଧ୍ୟ ମାନବ ସମାଜର ସୁନ୍ଦର କୁତ୍ସିତ ରୂପକୁ ପ୍ରସଦର୍ଶିତ କରାଯାଇପାରିବ । ସ୍ରଷ୍ଟାର ସମାଜ ପ୍ରତି ରହିଥିବା ଦାୟିତ୍ୱବୋଧ କେବେ ମଧ୍ୟ ପରିତେଜ୍ୟ ନୁହେଁ । ସାରଳା ଦାସଙ୍କ ଏହି ସାମାଜିକ ଦାୟବଧ ସାହିତ୍ୟ ଆଦର୍ଶଟି ପରବର୍ତ୍ତୀ ଓଡ଼ିଆ ସ୍ରଷ୍ଟାମାନଙ୍କୁ ପ୍ରଭାବିତ କରିଥିଲା । ଯାହାର ସ୍ପଷ୍ଟ ନିଦର୍ଶନ ଆମେ ପଞ୍ଚସଖା ସାହିତ୍ୟ ସାଧକଙ୍କ ସୃଷ୍ଟି ସମ୍ଭାର ମଧ୍ୟରେ ଉପଲବ୍ଧି କରିପାରିବା । ସୁତରାଂ ଏହି ପରିପ୍ରେକ୍ଷୀରେ ଜଗନ୍ନାଥ ଦାସଙ୍କ ଭାଗବତର ସାମାଜିକ ଆବେଦନ ଏବଂ ସର୍ବକାଳୀନ ସମାଜ ଗଠନରେ ଏହାର ଭୂମିକା ସମ୍ବନ୍ଧିୟ ଆକଳନ ଏହି ପ୍ରବନ୍ଧର ମୁଖ୍ୟ ଲକ୍ଷ୍ୟ ।

ଅତିବଡ଼ି ଜଗନ୍ନାଥ ଦାସ ବିରଚିତ ଭାଗବତ ଓଡ଼ିଶୀ ଧର୍ମ, ସଂସ୍କୃତି, ଭାଷା ଓ ସାହିତ୍ୟ କ୍ଷେତ୍ରରେ ଏକ ଅମଳିନ କୃତି । ଅଗଣିତ ଓଡ଼ିଆଙ୍କ ଆଧ୍ୟାତ୍ମିକ ତଥା ଧାର୍ମିକ ତୃଷ୍ଣା ପରିତୃପ୍ତି କ୍ଷେତ୍ରରେ ଏହି ଭାଗବତର ମହତ୍ତ୍ୱ କେତେ ତାହା ବୁଝାଇ କହିବା ଆବଶ୍ୟକ ନାହିଁ । ବ୍ୟାସଦେବ କୃତ ସଂସ୍କୃତ

ଭାଗବତକୁ ଦୃଷ୍ଟି ସମ୍ମୁଖରେ ରଖି ନିଜସ୍ୱ କଳ୍ପନାଶକ୍ତି ଓ କବିତ୍ୱ ବଳୟରେ ଜଗନ୍ନାଥ ଦାସ ଓଡ଼ିଆ ଭାଗବତକୁ ଏଭଳି ରୂପ ଦେଇଛନ୍ତି, ଯାହା ସର୍ବୋଜନବୋଧ ହେବା ସହ ଅଜସ୍ର ପାଠକୀୟ ସ୍ୱୀକୃତି ଲାଭ କରିଛି । ଏହି ମହାନ ଐତିହାସିକ ଜାତିର ନୈତିକ ମୂଲ୍ୟବୋଧ ଓ ଆଧ୍ୟାତ୍ମିକ ଭାବନାକୁ ସଂଚାଳିତ କରିବା ଦିଗରେ ଯୁଗଯୁଗ ଧରି ଭାଗବତର ବାଣୀ ଅତ୍ୟନ୍ତ ପ୍ରଭାବଶାଳୀ ହୋଇଆସିଛି । ଯଥାର୍ଥରେ ଡ. ଟିଏସ୍. ରୁକ୍ମଣୀଙ୍କ ମତ ଖୁବ୍ ଗୁରୁତ୍ୱପୂର୍ଣ୍ଣ ମନେହୁଏ । "The Bhagavata is a great work of celebrity in India and exercises people, that perhaps any other of the Purans." ପଞ୍ଚସଖା ସାଧକ ଗୋଷ୍ଠୀର ଶିକ୍ଷର ଏକ ଅଭିନବ ପରମ୍ପରା ପ୍ରତିଷ୍ଠା କରିଯାଇଛନ୍ତି । ସରଳ, ତରଳ, ସାବଲିଳ ଭାଷାରେ ଅନାବିଳ ଭାବର ସ୍ୱଚ୍ଛନ୍ଦ ଅଭିବ୍ୟକ୍ତି କରାଇ ଦାସେ ଓଡ଼ିଆ ଭାଗବତକୁ ସମଗ୍ର ଭାରତୀୟ ପ୍ରାଦେଶିକ ସାହିତ୍ୟ ପାଇଁ ଏକ ଅମଳିନ ଦୃଷ୍ଟାନ୍ତରେ ପରିଣତ କରିଦେଲେ। କବିଙ୍କ ଅନୁବାଦ ନିପୁଣତା ସମ୍ବନ୍ଧରେ ବିଶିଷ୍ଟ ଆଲୋଚିକା କେତକୀ ନାୟକଙ୍କ ମନ୍ତବ୍ୟ ଖୁବ୍ ପ୍ରାସଂଗିକ ମନେହୁଏ ।ଜଗନ୍ନାଥ ଦାସଙ୍କର ଅନୁବାଦ କି ସରଳ! ବିଶ୍ୱର କୌଣସି ଅନୁବାଦ ଏପରି ସୁବୋଧ ହୋଇ ପାରିନାହିଁ ଆଜିଯାଏଁ । ଗଭୀର ଜ୍ଞାନ ଅର୍ଜନ ପୂର୍ବକ କେତେଦୂର ତନ୍ମୟତା ପ୍ରାପ୍ତ ହେଲେ ପ୍ରାଣୀଙ୍କ ହୃଦୟର ଭାଷା ଦେଇ ସୁଗମ ବ୍ୟାଖ୍ୟା କରିବାର ସାମର୍ଥ୍ୟ ଆସେ, ତାହା ଭାବିଲେ ବିସ୍ମିତ ହେବାକୁ ପଡ଼େ । ସମଗ୍ର ୧୧ଶ ସ୍କନ୍ଦ ଓଡ଼ିଆ ଅନୁବାଦ ଏହାର ଶ୍ରେଷ୍ଠ ନିଦର୍ଶନ । ପ୍ରକୃତରେ ଅନଶୃତ ବିଷୟ ସମ୍ବନ୍ଧରେ ଗଭୀର ଅନୁପ୍ରବେଶ ତଥା ଶାସ୍ତ୍ରୀୟ ପାଣ୍ଡିତ୍ୱ ବିନା ଏହି ଧରଣର ଅନୁବାଦ ଆଦୌ ସମ୍ଭବ ନୁହେଁ । ସଂସ୍କୃତ, ଓଡ଼ିଆ, ବଙ୍ଗଳା ଓ ବ୍ରଜବୋଲି ଭାଷାକୁ ଆୟତ କରିବା ସହ କବି ବହୁ ପୁରାଣ ଶାସ୍ତ୍ର ଅଧ୍ୟୟନ ଜନିତ ପାଣ୍ଡିତ୍ୱ ଅର୍ଜନ କରିଥିଲେ । ପିତା ଭଗବାନ ଦାସ ବୃତ୍ତିରେ ଜଣେ ପୁରାଣ ପଣ୍ଡା ଥିବାରୁ ବିଭିନ୍ନ ସଂସ୍କୃତ ପୁରାଣ ଶାସ୍ତ୍ର, ବେଦ ଉପନିଷଦ ପ୍ରଭୃତି ଘରେ ରଖିଥିଲେ । ବାଲ୍ୟାବସ୍ଥାରୁ ସେହିସବୁ ଗ୍ରନ୍ଥ ଅଧ୍ୟୟନ ଜନିତ ବିଚକ୍ଷଣ କବିତ୍ୱ ଓ ପାଣ୍ଡିତ୍ୟର ଅଧିକାର ହୋଇପାରିଥିଲେ ଭାଗବତକାର । ଯାହା ଫଳରେ ସଂସ୍କୃତ ଭାଗବତର ଜଟିଳ ଆଧ୍ୟାତ୍ମିକ ତତ୍ତ୍ୱ ଦର୍ଶନକୁ ଖୁବ୍ ସହଜଭାବେ ଓଡ଼ିଆ ଭାଷାନ୍ତର କରି ପାରିଥିଲେ । ଅବଶ୍ୟ ଏହି ଅନୁବାଦ ପାଇଁ ଜଗନ୍ନାଥ ଦାସ ସେହି ସମୟରେ ଭୟଙ୍କର ସାମାଜିକ ପ୍ରତିକ୍ରିୟାର ସମ୍ମୁଖୀନ ହୋଇଥିଲେ । ସଂସ୍କୃତାଗାମୀ ବ୍ରାହ୍ମଣ ସମ୍ପ୍ରଦାୟ କବିଙ୍କ ଏତାଦୃଶ କାର୍ଯ୍ୟରେ କ୍ଷୁବ୍ଧ ହୋଇ ଓଡ଼ିଆ ଭାଗବତକୁ ତେଲି ଭାଗବତର ଆଖ୍ୟା ଦେଇ ଅପପ୍ରଚାର କରିବା ପାଇଁ ଆଦୌ କୁଣ୍ଠା ପ୍ରକାଶ କରିନଥିଲେ । ଏପରିକି ବିଭିନ୍ନ ମିଥ୍ୟା ଚକ୍ରାନ୍ତ କରି କବିଙ୍କୁ ରାଜରୋଷର ସରବ୍ୟ କରିବା ପଇଁ ବୃଥା ପ୍ରୟାସ ମଧ୍ୟ କରାଯାଇଥିଲା। ସଂଶିତ କାଳରେ ସଂସ୍କୃତ ଭାଷା ସାହିତ୍ୟର କବି ଓ ପଣ୍ଡିତ ମାନେ ରାଜାନୁଗ୍ରହ ଲାଭ କରି ଥିବାରୁ ସାଧାରଣ ସମାଜ ଉପରେ ଏମାନଙ୍କ ଏକଚାଟିଆ ପ୍ରଭାବ ତଥା କର୍ତ୍ତୃତ୍ୱ ରହୁଥିଲା। ଅପର ପକ୍ଷରେ ସଂସ୍କୃତ ଭାଷା ରୂପେ ଗୃହୀତ ହୋଇଥିବାରୁ ରାମାୟଣ, ଭାଗବତ ଆଦି ପୁରାଣ ଶାସ୍ତ୍ର ବା ଦେଶୀୟ ଭାଷାରେ ଲିଖିତ ହେବା ଏକ ଧର୍ମ ବିରୋଧି କାର୍ଯ୍ୟରୂପେ ଗ୍ରହଣ କରାଯାଉଥିଲା। ମୋଟ ଉପରେ ଏହି ସଂସ୍କୃତାଭିମାନି ପଣ୍ଡିତମାନେ ଦେଶୀୟ ଭାଷାର ଥିଲେ ଅତ୍ୟନ୍ତ ବିରୋଧି । ଶିକ୍ଷାର ଅଭାବରୁ ସାଧାରଣ ଜନତା ଏହି ସଂସ୍କୃତ ପୁରାଣ ଶାସ୍ତ୍ରାଦି ଅବବୋଧ ଓ ଅଧ୍ୟୟନ କ୍ଷେତ୍ରରେ ଥିଲେ ସମ୍ପୂର୍ଣ୍ଣ ବଞ୍ଚିତ । ସଂସ୍କୃତ ଭାଗବତକୁ ଓଡ଼ିଆ ଭାଷାରେ ଅନୁବାଦ କରି ଜଗନ୍ନାଥ ଦାସ ଅଗଣିତ ଧର୍ମପିପାସୁ ଓଡ଼ିଆଙ୍କ ହିତ ସାଧନ କେବଳ କରିନାହାନ୍ତି ବରଂ ଏକ ବ୍ୟାପକ ସାମାଜିକ ବିପ୍ଳବର ସୁତ୍ରପାତ ମଧ୍ୟ କରାଇଛନ୍ତି ।

ଜଗନ୍ନାଥ ଦାସଙ୍କ ଏହି ଭାଗବତ କେବଳ ଧର୍ମ ଦର୍ଶନ ମୂଳକ ଏକ ପୁରାଣ ଗ୍ରନ୍ଥ ନୁହେଁ, ଅଧିକନ୍ତୁ ଉତ୍କଳୀୟ ସମାଜ ଓ ସଂସ୍କୃତିର ଜୀବନ ବେଦ ଭାବରେ ସର୍ବଜନ ସ୍ୱୀକୃତ । ଏହି ଗ୍ରନ୍ଥ ସମଗ୍ର ଉତ୍କଳୀୟ ସଂସ୍କତିର ଆଦର୍ଶ ସମ୍ବିଧାନ । ଯାହା, ସାମ୍ୟ ମୈତ୍ରୀ ଓ ଏକତାର ମନ୍ତ୍ର ଉଚ୍ଚାରଣ ପାଇଁ ସଦା ସର୍ବଦା ଆମକୁ କରିଥାଏ ଅନୁପ୍ରାଣିତ । ଧର୍ମ, ଦର୍ଶନ, ଆଧ୍ୟାତ୍ମିକତା, ପୁରାଣ ଶାସ୍ତ୍ରାଦିରେ ଏକଚାଟିଆ ପ୍ରଭାବ ବିସ୍ତାର କରି ବସିଥିବା ବ୍ରାହ୍ମଣମାନଙ୍କ ରକ୍ତଚକ୍ଷୁକୁ ଭୃକ୍ଷେପ ନକରି ଓଡ଼ିଆ ଭାଷାକୁ ଏକ ସ୍ୱତନ୍ତ୍ର ସ୍ୱରୂପ ପ୍ରଦାନ କଲେ । ଭାଷାର ପ୍ରତିବନ୍ଧକତା ଉଠିଗଲା ପରେ ଏହା ସମାଜର ପ୍ରତିଟି ଏକକର ଅଧିକାର ପରିସରଭୁକ୍ତ ହେଲା । ଅର୍ଥାତ୍ ଭାଗବତ ଧର୍ମ ଓ ସାହିତ୍ୟକୁ ପଢ଼ିବା ପାଇଁ ଦେଲା ସମାନ ଅଧିକାର ଓ ସୁଯୋଗ। ଜାତି, ବର୍ଣ୍ଣ, ଲିଙ୍ଗ ନିର୍ବିଶେଷରେ ସମସ୍ତେ ଏହି ଭାଗବତ ସହିତ ହୋଇଗଲେ ଜଡ଼ିତ । ଖୁବ୍ ଅଳ୍ପକାଳ ମଧ୍ୟରେ ଭାଗବତ ରୂପାନ୍ତରିତ ହୋଇଗଲା ଗଣ ସାହିତ୍ୟରେ । ଏଥିରେ ପ୍ରଚାରିତ ହେଲା ସମଦର୍ଶନର ବାଣୀ । ଜାତି ବର୍ଣ୍ଣ ମଧ୍ୟରେ ଥିବା ଭେଦଭାବକୁ ଜଗନ୍ନାଥ ଦାସ ଅସ୍ୱୀକାର କଲେ । ବ୍ରାହ୍ମଣ ଚଣ୍ଡାଳ ଆଦି ସମସ୍ତଙ୍କୁ ବାନ୍ଧିଦେଲେ ଗୋଟେ ସୂତ୍ରରେ । ଘୋଷଣା କଲେ ଧର୍ମର ଏକ ମାତ୍ର ତତ୍ତ୍ୱଟି ହେଲା

"ମଣିଷ ଦେହେ ଦିବ୍ୟ ଜ୍ଞାନ /ଦେଖି ସନ୍ତୋଷ ଭଗବାନ" ଏବଂ "ସକଳ ଘଟେ ନାରାୟଣ / ବସନ୍ତି ଅନାଦି କରଣ"। ନିନ୍ଦୁକ ମାନଙ୍କ ମୁଖରେ ଚାବୁକ ପ୍ରହାର କରି ସେ ଲେଖିଲେ, "ବଡ଼ ଲୋକଙ୍କ ବଡ଼ ମତ / ଅଳପ ଲୋକେ ବିପରିତ"। ବ୍ୟାସ କୃତ ସଂସ୍କୃତ ଭାଗବତ ଖୁବ୍ କଠିନ ଓ ଜଟିଳ । ସାଧାରଣ ଜନତାଙ୍କ ବୋଧ ଗମ୍ୟତା ଠାରୁ ତାହା ବହୁତ ଦୂରରେ । ଜଗନ୍ନାଥ ଦାସ ତାକୁ ସୁବୋଧ କରାଇବା ପାଇଁ ଚିତାକର୍ଷକ ନବାକ୍ଷରୀ ଛାନ୍ଦରେ ଖୁବ୍ ସରଳ ଓ ପ୍ରାଞ୍ଜଳ ଭାବରେ ରୂପାନ୍ତର କରାଇଲେ । ବଡ଼ କଥା ହେଲା ଯାହା କହିବାକୁ ଚାହୁଁଛେ, ତାହା ଠିକ୍ ରୂପେ ବୁଝିଥିବା ଆବଶ୍ୟକ । ଜଗନ୍ନାଥ ଦାସ ମୂଳ ଭାଗବତ, ସମକାଳର ସମୟ ଓ ଜନସାଧାରଣଙ୍କ ଆବଶ୍ୟକତାକୁ ଭଲଭାବରେ ବୁଝୁଥିଲେ, ତେଣୁ ତାଙ୍କ ପ୍ରକାଶରେ ଆଦୌ ଜଟିଳତା ନାହିଁ । ଏହାର ଭାବ ଓ ଭାଷା ଏତେ ସରଳ ଯେ ମୁର୍ଖଠାରୁ ପଣ୍ଡିତ, ଧନିଠାରୁ ଦରିଦ୍ର ସମସ୍ତେ ଏହାକୁ ବୁଝିପାରିଲେ । ସଂସ୍କୃତ ଭାଗବତର ଭାଷା ଥିଲା ମସ୍ତିଷ୍କର ଭାଷା କିନ୍ତୁ ଜଗନ୍ନାଥଙ୍କ ଭାଗବତର ଭାଷା ଥିଲା ହୃଦୟର ଭାଷା । ଯାହାକୁ ବୁଝିବା ପାଇଁ ଜ୍ଞାନ ଓ ପାଣ୍ଡିତ୍ୟର ସାର୍ଟିଫିକେଟ୍ ଆବଶ୍ୟକ ନାହିଁ । ତେଣୁ ଭାଗବତର ଭାଷାକୁ ଗଣ ଭାଷାର ଅମ୍ଳାନ ନିଦର୍ଶନ ଭାବେ ନିର୍ବିବାଦରେ ଗ୍ରହଣ କରାଯାଇଛି ।

ଆମ ଭାରତୀୟ ପରମ୍ପରାରେ ପୁରାଣ ଶାସ୍ତ୍ରାଦିର ମହତ୍ତ୍ୱ ବେଶ ଗୁରୁତ୍ୱପୂର୍ଣ୍ଣ ଓ ସୁଦୂର ପ୍ରସାରି ।କୁହାଯାଏ ସନାତନ ଧର୍ମର ମୂଳତତ୍ତ୍ୱ ଏହି ପୁରାଣ ଶାସ୍ତ୍ର ଗୁଡ଼ିକରେ ଅବଗୁମ୍ଫିତ ହୋଇରହିଛି । ତେଣୁ ପ୍ରତ୍ୟେକ ସରଳ ଧର୍ମ ବିଶ୍ୱାସୀ ମଣିଷ ପାପପୂର୍ଣ୍ଣ ଜଟିଳ ଅଙ୍କ କଷିବା ପାଇଁ ନେଇଥାଏ ଏହି ପୁରାଣ ଶାସ୍ତ୍ରର ଆଶ୍ରୟ । ତେଣୁ ପ୍ରତ୍ୟେକ ପୁରାଣର ମୁଖ୍ୟ ବକ୍ତବ୍ୟ ହେଲା । "ପରପୋକାରୀୟୋ ସ୍ୱର୍ଗାୟ, ପାପାୟ ପରୋପିଡ଼ତମ୍" ଆର୍ଥାତ୍ ପରୋପକାର ସ୍ୱର୍ଗପ୍ରାପ୍ତି ଏବଂ ପରକୁ ପୀଡ଼ା ଦେଲା ପାପା ଅର୍ଜନ ହୋଇଥାଏ । ସମଗ୍ର

ଭାରତୀୟ ପୁରାଣ ପରମ୍ପରାରେ ଭାଗବତ ଅଷ୍ଟାଦଶ ପୁରାଣ ମଧ୍ୟର ଶ୍ରେଷ୍ଠ । ଅତଏବ ଜନସାଧାରଣଙ୍କୁ ଅନ୍ୟର ହିତ ସାଧନ କରିବା ପାଇଁ ଉପଦେଶ ଦେବା ଏବଂ ପାପାଚାରରୁ ନିବୃତ୍ତ କରିବା ଭାଗବତର ଏକ ପବିତ୍ର ଲକ୍ଷ୍ୟ । ତେଣୁ ଜଗନ୍ନାଥ ଲେଖିଛନ୍ତି-

"ଧନ କାର୍ପର୍ଣ୍ଣେ ସେବା ବେଳେ/ ଯିବା ଅସାଧ ମହିତଳେ
ଧନ ଅର୍ଜିଲେ ଧର୍ମ କରି / କାଳେ ପ୍ରାପତ ନରହରି ।।"

ସେହିଭଳି ଅନ୍ୟତ୍ର ଉଲ୍ଲଖେ ଅଛି-

"ଧନ୍ୟ ଜୀବନ ଏ ଜଗତେ / ଯେ ପ୍ରାଣଧରେ ପରହିତେ
ଯେ କରେ ଦାନ ଉପକାର / ସେ ସର୍ବଜ୍ଞାନିଙ୍କ ସାର ।।" ଇତ୍ୟାଦି ।

ଓଡ଼ିଆର ନୈତିକ ଜୀବନକୁ ସଂଗଠିତ କରିବା ସହିତ ସମାଜକୁ ଶୃଙ୍ଖଳିତ କରିବା ଏହାର ପରମ ଲକ୍ଷ୍ୟ । ଏକ ସମ୍ମନ୍ୱିତ ଆଧ୍ୟତ୍ମିକ ମାର୍ଗ ପ୍ରତି ଜନସାଧାରଣଙ୍କୁ ଆକୃଷ୍ଟ କରିବା କ୍ଷେତ୍ରରେ ଭାଗବତର ଭୂମିକା ମଧ୍ୟ ଅତୁଳନିୟ । ଏହି ସାମାଜିକ ଶୃଙ୍ଖଳାର ପ୍ରତିଷ୍ଠା ପାଇଁ ସେ ପରୋକ୍ଷରେ ଚୈତନ୍ୟଙ୍କ ପ୍ରେମ ଉକ୍ତିର ଘୋର ବିରୋଧ କରି ପ୍ରଚାର କରିଛନ୍ତି ଜ୍ଞାନ ମିଶ୍ରାଭକ୍ତି ଧର୍ମ ।

ନିଷ୍କଳଙ୍କ ଓ ନିରାଡ଼ମ୍ବର ଜୀବନ ଯାପନ ପାଇଁ ଭାଗବତରେ ଅଛି ଅଜସ୍ର ପ୍ରେରଣା । ଏହି ସଂଯମ, ତ୍ୟାଗ, ସେବା ଭଳି ମହନୀୟ ମାନବ ଧର୍ମର ପ୍ରବକ୍ତା । ଭାଗବତ ଘୋଷଣା କରେ ଜୀବ ସେବା ଓ ପରୋପକାର ହିଁ ବୈକୁଣ୍ଠ ପ୍ରାପ୍ତିର ମୂଳାଧାର । ପ୍ରତ୍ୟେକ ଓଡ଼ିଆଙ୍କ ଅତୁଟ ବିଶ୍ୱାସ ଯେ କଳିଯୁଗରେ ଭାଗବତ ହେଉଛି ପରମ ମୁକ୍ତି ପ୍ରଦାୟକ ଗ୍ରନ୍ଥ । ଭବସାଗରୁ ପରିତ୍ରାଣ ପାଇଁ ଏହା ତରଣୀ ସଦୃଶ ଏବଂ ସ୍ୱର୍ଗ ପ୍ରାପ୍ତିର ନିଶ୍ଚିତ ବିଶ୍ୱାସ । ଏଥରେ ଅଛି ମୁକ୍ତି ପାଇଁ ଶୀତଳ ଆଶ୍ୱାଶନା । ସୁଖ ଦୁଃଖର ମାୟା ବନ୍ଧନ ମଧ୍ୟରୁ ମୁକ୍ତି ହୋଇପ୍ରମାନ୍ଦର ପ୍ରାପ୍ତି ପାଇଁ ଅଛି ଅଜସ୍ର ପ୍ରେରଣା। ଯେବେଳେ ଆମେ କୌଣସି ପାପକର୍ମରେ ଲିପ୍ତ ରହୁ ଅଥବା ତଦାନୁରୁପ ମନଭାବ ଆମ ଭିତରେ ଜାଗ୍ରତ ହୁଏ ଠିକ୍ ସେତେବେଳେ ମନେ ପଡ଼ିଯାଏ ଭାଗବତର ପବିତ୍ର ଶ୍ରୁତି ସମ୍ଭାର । ବଟବଣା ମଣିଷକୁ ସଠିକ୍ ମାର୍ଗ ପ୍ରର୍ଦଶିତ କରାଇବାରେ ଆଜି ମଧ୍ୟ ଉକ୍ତି ଗୁଡ଼ିକ କେତେ ଗୁରୁତ୍ୱପୂର୍ଣ୍ଣ କହିବା ବାହୁଲ୍ୟ ମାତ୍ର ।

ସାଂପ୍ରତିକ ମଣିଷର ପ୍ରାତ୍ୟେହିକ ଜୀବନ ଚର୍ଯ୍ୟାରେ ଏହି ସୂକ୍ତି ସମୂହ ଖୁବ୍ ପ୍ରାସଂଗିକ ଓ ବ୍ୟବହାରିକ ମଧ୍ୟ ।

କୌଣସି ଦୃଷ୍ଟବ୍ୟକ୍ତି ଶାସ୍ତି ପାଇବାର ଘଟଣାକୁ ଲକ୍ଷ୍ୟ କରି ଅପରପକ୍ଷ୍ୟ କହିଥାଏ-

"ମଞ୍ଚାରୁ ପଡ଼ି ମାମୁଁ ମଲା / ମତେ ତ ଦଇବ ରଖିଲା ।।"

ପୁଣିସ୍ୱକୃତ ଦୃଷ୍କୃତ ସଂପର୍କରେ କୁହାଯାଇଥାଏ-

"ଆପଣା ହସ୍ତେ ଜିହ୍ୱା ଛେଦି/ କେ ତାର ଅଛି ପ୍ରତିବାଦୀ"

ସାଂପ୍ରତିକ ସମାଜରେ ଏହି ଧରଣର କାର୍ଯ୍ୟକଳାପ ଏତେପରିମାଣରେ ବୃଦ୍ଧି ପାଇବାରେ ଲାଗିଛି ଯେ ଏଥିରୁ ମୁକ୍ତି ପାଇବା ପାଇଁ ଆଧୁନିକ ମଣିଷ ପାଖରେ ଭାଗବତ ଛଡ଼ା ଅନ୍ୟବିକଳ୍ପ ନାହିଁ । ପୁନଶ୍ଚ କୌଣସି ଦୁର୍ଘଟଣା ବା ରୋଗରୁ ବଞ୍ଚିଯିବା ବ୍ୟକ୍ତି ପାଇଁ କୁହାଯାଇଛି-

"ଦଣ୍ଡେ ନିମିଷେ ଥିଲେ ପ୍ରାଣ / ନେଇ ନ ପରେ ଜନ୍ତୁରାଣ ।।"

ଇପ୍‌ସିତ ମନକାନନା ପରିପୂର୍ଣ୍ଣ ପାଇଁ ଆମେ କହୁ-

"ଏମନ ଭାବୁଥାଇ ଯାହା / କାଳେ ପ୍ରାପତ ହୁଏ ତାହା ।।"

ବର୍ତ୍ତମାନ ସମୟରେ ଦୁଷ୍ଟପ୍ରବୃତ୍ତିର ଲୋକଙ୍କ ସଂଖ୍ୟା ଦିନକୁଦିନ ବୃଦ୍ଧି ପାଇବାରେ ଲାଗିଛି । ଯାହାଫଳରେ ନାନା ଧରଣର ସାମାଜିକ ବିଶୃଙ୍ଖଳା ସୃଷ୍ଟି ହେଉଛି । ଭାଗବତକାର ଏହି ଖଳ ପ୍ରବୃତ୍ତି ଲୋକଙ୍କୁ ଲକ୍ଷ୍ୟକରି ଲେଖିଛନ୍ତି-

"ସର୍ପରେ ଜାତ କଲୁ ମୋତେ / ସ୍ୱଭାବ ଛାଡ଼ିବି କେମନ୍ତେ ।।"

ବା

"ଗରଳେ କଲୁ ଅଧିକାରୀ/ ସ୍ୱାଭାବ ଛାଡ଼ିବି କିପରି ।।"

ଯେକୌଣସି ଦୃଷ୍ଟ ବ୍ୟକ୍ତିଙ୍କ ପ୍ରତି ଏହି ପଦଗୁଡ଼ିକ ପିଠିରେ ଚାବୁକ ପ୍ରହାର ସଦୃଶ୍ୟ । ସୂକ୍ତି ଗୁଡ଼ିକ କାନରେ ପଡ଼ିବା ମାତ୍ରେ ଦୁଷ୍ଟମୋତି ମଣିଷର ମନ ଓ ମସ୍ତିକରେ ସୃଷ୍ଟି ହୁଏ ଗଭୀର ଆଲୋଡ଼ନ । କୌଣସି ଘଟଣା ବା ବସ୍ତୁର ଅବଶେଷ ନରଖି କାର୍ଯ୍ୟସିଦ୍ଧି ନିମନ୍ତେପ୍ରର୍ଯ୍ୟନ୍ତ କରିବା ପରିପ୍ରେକ୍ଷିରେ କୁହାଯାଏ-

"ମୂଳୁ ମାଇଲେ ଯିବ ସରି / ଦେବଙ୍କ ସଙ୍ଗେ କିମ୍ପା କଳି ।।"

ପ୍ରାୟ ପ୍ରତ୍ୟେକ ଘଟଣା ପାଇଁ ଭାଗବତର ଏହି ପରିସୂକ୍ତିଗୁଡ଼ିକ ବେଦ ବଚନ ତୁଲ୍ୟ କାର୍ଯ୍ୟ କରିଥାଏ । ଏହି ସୂକ୍ତି ଗୁଡ଼ିକରେ ଗଭୀର ଜୀବନ ଦର୍ଶନର ଶାଶ୍ୱତ୍ ଭାବଗୁଡ଼ିକ ରହିଛି, ଯାହା ସବୁ କାଳରେ ସର୍ବତ୍ର ଓ ସମସ୍ତଙ୍କ ପାଇଁ ଖୁବ୍ ଉପାଦେୟ ।

ଭାଗବତରେ ଏହି ପଦଗୁଡ଼ିକ ଆବୃତ୍ତି କରିଦେଲେ ଓଡ଼ିଆ ଜାତିର ପ୍ରାଣସତ୍ତା ତୃପ୍ତ ହୋଇଯାଏ । କେବଳ ବାକ୍ୟରେ ନୁହେଁ ବାସ୍ତବରେ ଭାଗବତର ପଦାବଳୀ ଓଡ଼ିଶାର ଜନମାନସକୁ ଏକ ଅଦୃଷ୍ଟ ରଜୁରେ ଅନୁବନ୍ଧିତ କରି ରଖିଛି । ଭାଗବତ ରଚନାର କିଛି ବର୍ଷ ମଧ୍ୟରେ ଏହା ଏଭଳି ପ୍ରସାରିତ ଓ ଲୋକ ପ୍ରିୟତା ଅର୍ଜନ କରି ପ୍ରତ୍ୟେକ ଓଡ଼ିଆଙ୍କ ହୃଦ ମନ୍ଦିରରେ ଦେବତା ତୁଲ୍ୟ ସ୍ଥାନ ଅଧିକାର କରିପାରିଛି । ଭାଗବତକୁ ଅନ୍ତଃକରଣରେ ସମସ୍ତେ ସ୍ୱୀକାର କରିଛନ୍ତି ଓ ଏହାର ପବିତ୍ରତାକୁ ସମ୍ମାନ କରିଛନ୍ତି । କୌଣସି ବ୍ୟକ୍ତିର ମୃତଶଯ୍ୟା ନିକଟରେ ଭାଗବତ ପଦେ ଗାଇଲେ ଓ ସେହି ଅମୃତ ବାଣୀ ମୁମୂର୍ଷୁ ବ୍ୟକ୍ତିର କାନର ପଡ଼ିଲେ ତାରପରମ ପଦ ପ୍ରାପ୍ତି ନିଶ୍ଚିତ । ପିଲାଟି ଜନ୍ମହେଲା ମାତ୍ରେ ସୁତିକା ଗୃହରେ ବାରରାତ୍ରି ପର୍ଯ୍ୟନ୍ତ ଭାଗବତ ପରାୟଣ କରିବା ପରମ୍ପରା ଏଯାବତ୍ ଅବ୍ୟାହତ । ବିଶ୍ୱାସ ଯେ ପିଲାଟି ସଂଯମ ନୈତିକତାପୂର୍ଣ୍ଣ ଆଦର୍ଶ ମଣିଷ ଭାବେ ନିଜକୁ ଗଢ଼ିତୋଳିବ । ବିଧବାମାନେ କାର୍ତ୍ତିକ ମାସବ୍ୟାପି ଆତ୍ମସୁଧି ଓ ସଂଯମତା ପାଇଁ ଭାଗବତର ଅମୃତବାଣୀ ଶୁଣିଥାନ୍ତି । ଗ୍ରାମରେ କୌଣସି ଅଘଟଣ କିମ୍ବା କହାମାରି ବ୍ୟାଧି ଦେଖାଦେଲେ ଭାଗବତ ପାଠ କରିବା ପରମ୍ପରା ରହିଆସିଛି । କାରଣ ଲୋକେ ବିଶ୍ୱାସ କରନ୍ତି ଯେ ଭାଗବତରେ ଗ୍ରାମର ମଙ୍ଗଳ ସାଧନ କରିବା ଶକ୍ତି ଅଛି । କେବଳ ଏତିକି ନୁହେଁ ଭାଗବତ ଆମର ପ୍ରାତ୍ୟାହିତ କର୍ମର ଅଂଶ ବିଶେଷ । ପ୍ରତ୍ୟେକ ଓଡ଼ିଆ ପରିବାରରେ ପ୍ରାତଃ ସ୍ନାନ ପରେ ଏବଂ ସଂଧ୍ୟାରେ ଭାଗବତ ପାଠ କରିବା ପରମ୍ପରା ଆଜିଯାଏଁ ଚାଲି ଆସିଛି । ଝିଅଟିଏ ବିବାହ କରି ବୋହୂ ରୂପରେ ଶାଶୂ ଘରକୁ ଆସିଲା ବେଳେ ଶାଶୂ ଶଶୂରଙ୍କ ପାଇଁ ତିଳକ ପେଢ଼ିରେ ଭାଗବତ ପୁରାଣ ଆଣିବା ପରମ୍ପରା ଆମ ସଂସ୍କୃତିରେ ରହିଆସିଛି । ଏପରିକି ଜ୍ୱାଇଁଟିଏ ପ୍ରଥମ ଥର ପାଇଁ ଶଶୂରଙ୍କ ଘରକୁ ଗଲେ ତାଙ୍କ ହାତକୁ ବଢ଼େଇ ଦିଆଯାଏ ଭାଗବତ । ଅତଏବ ଆମ ଜୀବନ ଚର୍ଯ୍ୟାର ଏକ ଅପରିହାର୍ଯ୍ୟ ଅଙ୍ଗ ପାଲଟିଯାଇଛି ଏହି ଭଗବତ । ବ୍ୟକ୍ତିର ପ୍ରାତ୍ୟହିକ ଜୀବନ ଠାରୁ ଆରମ୍ଭ କରି ପାରିବାରିକ ଜୀବନର ପ୍ରତିଟି

ସୋପାନରେ ଭଗବତର ବ୍ୟବହାର ନିଶ୍ଚିତ ଭାବରେ ତାହାର ମହତ୍ୱ ଓ ଗୁରୁତ୍ୱ ଯାହିର କରିଆସଛି ।

ପୂର୍ବେ ଓଡ଼ିଆଙ୍କ ଶିକ୍ଷାଗତ ଯୋଗ୍ୟତା ନିର୍ଦ୍ଧାରଣ ପାଇଁ ଭାଗବତ ଥଲା ପ୍ରମୁଖ ମାନଦଣ୍ଡ । ପୁଅର ବିବାହ ପାଇଁ କନ୍ୟା ଚୟନ କଲାବେଳେ ଝିଅଟି ଭାଗବତ ପଢ଼ି ଜାଣିଛି କି ନାହିଁ ଏହି ପ୍ରଶ୍ନଟି ଥଲା ପ୍ରତ୍ୟେକ ଭାବି ଶାଶୁ ଶଶୁରଙ୍କ ପ୍ରାଥମିକ ପ୍ରଶ୍ନ । କାରଣ ଭାଗବତ ପାଠକରି ବୋହୂଟି ଶାଶୁ ଶଶୁରଙ୍କୁ ପୂର୍ଣ୍ଣ୍ୟ ଅର୍ଜନରେ ସହାୟକ ହେବ । ଅନୁରୂପ ଭାବେ ପ୍ରତ୍ୟେକ ବାପା, ମାଆ ପୁଅକୁ ଭାଗବତ ପଢ଼ି ଶିଖିବା ପାଇଁ ପ୍ରୋତ୍ସାହନ କରୁଥିଲେ, ଉଦ୍ଦେଶ୍ୟ ମୃତ୍ୟୁ ଶଯ୍ୟାରେ ପୁଅ ଭାଗବତ ଶୁଣାଇ ନଶ୍ୱର ଜୀବନକୁ ମୁକ୍ତି ପ୍ରଦାନ କରିବ । ତେଣୁ ପ୍ରତ୍ୟେକ ପରିବାରର ଅବିଭାବକମାନେ ନିଜ ସନ୍ତାନ ସନ୍ତତିଙ୍କୁ ଭାଗବତ ପଢ଼ି ଶିଖିବା ପାଇଁ ଚାଟଶାଳୀକୁ ପ୍ରେରଣ କରୁଥିଲେ । ଏପରିକି ଭାଗବତ ହିଁ ଥିଲା ଚାଟଶାଳୀର ପ୍ରମୁଖ ପାଠ୍ୟପୁସ୍ତକ। ସଠିକ୍ ଭାବରେ ଭାଗବତ ପଢ଼ି ଶିଖିଗଲେ ଶିକ୍ଷା ପରିସମାପ୍ତି ହେଲା ବୋଲି ଧରିନିଆଯାଉଥିଲା। କୌଣସି ବ୍ୟକ୍ତିର ବ୍ୟକ୍ତିତ୍ୱ ଆକଳନ ପାଇଁ ଭାଗବତ ସମ୍ବନ୍ଧୀୟ ଜ୍ଞାନକୁ ଆଧାର ଭାବରେ ଗ୍ରହଣ କରାଯାଉଥିଲା। ତେଣୁ ପ୍ରତ୍ୟେକ ବ୍ୟକ୍ତି ଭାଗବତକୁ ଶ୍ରଦ୍ଧା କରିବା ସହ ପଠନପାଇଁ ମଧ୍ୟ ସର୍ବଦା ଯତ୍ନଶୀଳ ଥିଲେ । ଭାଗବତ ପଢ଼ି ନ ଜାଣିଲେ ଅଧମ ପଣିଆର କଳଙ୍କକୁ ଧାରଣ କରିବାକୁ ପଡ଼ିବ । ତେଣୁ ପ୍ରତ୍ୟେକ ବ୍ୟକ୍ତି ଭାଗବତ ପାଠକରି ନିଜ ସ୍ୱାକ୍ଷରତାକୁ ଜାହିର କରିଥିଲେ । ୧୯୦୧ ଜନଗଣନା ଅନୁଯାୟୀ ଆଧୁନିକ ଶିକ୍ଷିତ ବଙ୍ଗଳାମାନଙ୍କ ଅପେକ୍ଷା ଓଡ଼ିଶାର ସ୍ୱାକ୍ଷରତା ହାରଥିଲା ଅଧିକ। ଏହାର ଏକ ମାତ୍ର କାରଣ ହେଲା ଭାଗବତ ପଢ଼ି ଜାଣିବା ଯୋଗ୍ୟତା ଅର୍ଜନ ଲାଗି ଜଗନ୍ନାଥ ଦାସଥିଲେ ଗଣଶିକ୍ଷକ । ଅଗଣିତ ଯୋଗ୍ୟ ଶିକ୍ଷକ ଯେଉଁ ଆନୁଷ୍ଠାନିକ ଶିକ୍ଷା ସାହାଯ୍ୟରେ ଜନ ସମାଜରୁ ଅଶିକ୍ଷାର ଅନ୍ଧକାକୁ ଦୂର କରିପାରି ନାହାଁନ୍ତି, ତାହା ଜଣେ ସାଧାରଣ ସନ୍ଥ ସାଧକ ଭାଗବତ ସାହାଯ୍ୟରେ କରାଇପାରିଥିଲେ । ଏହାଠାରୁ ବଡ଼ ଆଶ୍ଚର୍ଯ୍ୟ ବା କ'ଣ ଅଛି । ଜଗନ୍ନାଥ ଦାସ ନିରକ୍ଷର ପଲ୍ଲୀବାସୀଙ୍କୁ ଶିକ୍ଷାର ଚକ୍ଷୁ ଦାନକଲେ । ସର୍ବନିମ୍ନ ଶିକ୍ଷାପ୍ରାପ୍ତି ପାଇଁ ସମସ୍ତଙ୍କ ମନରେ ସୃଷ୍ଟିକଲେ ଅପୂର୍ବ ଉତ୍ସାହ ।

ଓଡ଼ିଶାର ପୁରପଲ୍ଲୀରେ ଜଗନ୍ନାଥ ଦାସ ବିରଚିତ ଓଡ଼ିଆ ଭାଗବତ ଲୋକପ୍ରିୟତା ପ୍ରମାଣ ହେଲା ଭାଗବତ ଟୁଙ୍ଗି। ଓଡ଼ିଶାର ପ୍ରତ୍ୟେକ ପୁରପଲ୍ଲୀରେ ଭାଗବତକୁ କେନ୍ଦ୍ରକରି ଏହି ଅନୁଷ୍ଠାନଟି ଗଢ଼ିଉଠିଥିଲା । ଏହି ଟୁଙ୍ଗି ଗାଦିରେ ଜଗନ୍ନାଥଙ୍କ ସହ ଭାଗବତ ପୋଥି ପୂଜା ପାଉଥିଲେ । ବିଶ୍ୱାସ ଥିଲା ଭାଗବତ ଅବତାରୀ ଓ ପୂଜନୀୟ । ଏହି ଅନୁଷ୍ଠାନଟି ଥିଲା ଅଗଣିତ ସରଳ ଗ୍ରାମୀଣଙ୍କ ଆଶା ଓ ବିଶ୍ୱାସର ପୀଠ । ଭାଗବତ ଘର କେବଳ ଯେ ଏକ ଧାର୍ମିକ ଅନୁଷ୍ଠାନ, ତାହା ନୁହେଁ ବରଂ ସେ କାଳରେ ଏହି ପୀଠକୁ ବିଦ୍ୟାଳୟ, ପୁସ୍ତକାଳୟ, ବିଚାରାଳୟ, ପ୍ରେକ୍ଷାଳୟ, ସଭାଗୃହ, ସମବାୟ ସମିତି ଅତିଥିଶାଳା ତଥା କୋଠଘର ଭାବେ ବ୍ୟବହାର କରାଯାଉଥିଲା । ଗ୍ରାମରେ ଉପୁଜୁଥିବା ଯେକୌଣସି କଳି କଜିଆର ସମାଧାନ ଭାଗବତକୁ ସାକ୍ଷୀରଖି ଏଠାରେ କରାଯାଉଥିଲା । ଭାଗବତକୁ ଛୁଇଁ ମିଛ ନକହିବା ପାଇଁ ପ୍ରମାଣ କରୁଥିଲେ ବାଦି ଓ ପ୍ରତିବାଦି । ଏହି ପୋଥିକୁ ନେଇ ସାଧାରଣ ଜନତାଙ୍କ ଏତେ ଅତୁଟ ବିଶ୍ୱାସ ଥିଲା ଯେ ଭାଗବତ ନାମ ଉଚ୍ଚାରଣେ ମାତ୍ରେ ଦୋଷି ନିର୍ବିବାଦରେ ନିଜ ଦୋଷ ସ୍ୱୀକାର କରୁଥିଲା । ଗାଁର ମୁରବି ବା ମୁଖିଆ ଦୋଷିକୁ ଦଣ୍ଡ ଅଥବା କ୍ଷମା ବିଧାନ କଲା ବେଳେ ଭାଗବତର ପଦ ଆବୃତ୍ତି କରିଥିଲେ-

"ଦଣ୍ଡିବା ଶକ୍ତି ଯାର ଥାଇ / ସେ ପୁଣି କ୍ଷମା ଆଚରଇ ।।"

ଗ୍ରାମର ଅଥିତି ତଥା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଆସୁଥିବା କଳାକାରମାନଙ୍କର ଆଶ୍ରୟର ବ୍ୟବସ୍ଥା ଏହି ଅନୁଷ୍ଠାନରେ କରାଯାଉଥିଲା । ଯଥାର୍ଥରେ ଭାଗବତ ଟୁଙ୍ଗିଟି ଥିଲା ସର୍ବସାଧାରଣ କ୍ଷେତ୍ର ଓ ଗ୍ରାମର କୋଠ ସମ୍ପତ୍ତି । ଯେକୌଣସି ପର୍ବପର୍ବାଣୀ ଯାନି ଯାତ୍ରାକୁ ଏହି ଭାଗବତ ଘରେ ଗାଁ ଲୋକେ ମିଳିତ ଭାବେ ପାଳନ କରନ୍ତି । ବର୍ଷ ବର୍ଷ ଧରି ଆମ ସମାଜରେ ବିଭାଜନ ସୃଷ୍ଟିକରି ଆସୁଥିବା ଜାତି ପ୍ରଥାକୁ ଦୂର କରି ଏହି ଭାଗବତ ଟୁଙ୍ଗି ଗ୍ରାମ୍ୟ ଜୀବନରେ ସାମ୍ୟ ମୈତ୍ରୀର ସଦ୍‌ଭାବନା ସୃଷ୍ଟି କରାଇ ପାରିଥିଲା । ଏହି ପୀଠକୁ ଜଣେ ଓଡ଼ିଆ ଭଲ ମନ୍ଦ, ଧର୍ମ ଅଧର୍ମ, ପାପ ପୂଣ୍ୟ ରୂପି, ଜ୍ଞାନର ଧାରଣା ପାଇଁ ସାମାଜିକ ଶୃଙ୍ଖଳା ଶିଖୁଥିଲା । ସଞ୍ଜ ନଇଁ ଆସିଲେ ଭାଗବତ ଟୁଙ୍ଗିରୁ ଭାସି ଆସେ ତାଳ ଖୋଳ, ଶଙ୍ଖ, ହୁଳୁହୁଳିର ପବିତ୍ର ସ୍ୱରଲହରୀ । କର୍ମକ୍ଳାନ୍ତ କୃଷକଟିଏ ଅବା ଶ୍ରମିକଟିଏ ପୁଣ୍ୟ ଅର୍ଜନର ବିଶ୍ୱାସ ନେଇ ଭାଗବତ ଘରେ ପହଞ୍ଚିଯାଏ । ଭାଗବତର ଅମୃତ ବାଣୀ ଶୁଣିବା ସହ ଗାଁ ଲୋକଙ୍କ ପାଖରେ ମେଲିଦିଏ ଜୀବନର ସୁଖ ଦୁଃଖମୟ କଥା ପସରା । ଆତ୍ମୀୟତା ପୂର୍ଣ୍ଣ ଅନ୍ତରଙ୍ଗ ଆଳାପ ମଧ୍ୟରେ ପାଣି ଫୋଟକା ପରି ମିଳେଇଯାଏ ସାରା ଦିନର ଅକ୍ଳାନ୍ତ ପରିଶ୍ରମ ଜନିତ କଷ୍ଟ । ପୁନଶ୍ଚ ଏହି ଟୁଙ୍ଗି ଥିଲା ଗାଁର ପ୍ରମୁଖ ଚାଟଶାଳୀ। ଅବଧାନେ ଏହିଠାରେ ଗାଁ ପିଲାଙ୍କୁ ନୀତି ବାଣି, ଶାସ୍ତ୍ର, ଗଣିତ ଆଦି ଶିକ୍ଷା ପ୍ରଦାନ କରୁଥିଲେ । ବିଭିନ୍ନ ପ୍ରକାର ପୁରାଣ ଶାସ୍ତ୍ର ହିଁ ଭାଗବତ ଟୁଙ୍ଗିରେ ସୁରକ୍ଷିତ ଭାବେ ରଖାଯାଉଥଲା । ଭାଗବତ ଗାଦିଥିବା ପ୍ରତ୍ୟେକ ଗ୍ରାମରେ ଭାଗବତ ଗୋସାଇଁଙ୍କ ନାମରେ ପାଣ୍ଠି ରହିବାର ବ୍ୟବସ୍ଥା କରାଯାଉଥିଲା । ଗାଁ ଲୋକେ ଚାନ୍ଦାଭେଦା କରି ଏହି ପାଣ୍ଠିରେ ଟଙ୍କା ଜମା କରୁଥିଲେ । ଆବଶ୍ୟକ ବେଳେ ଟଙ୍କା ଉଠାଇ ସୁଧ ସହ ପରିଶୋଧ କରିବାର ବ୍ୟବସ୍ଥା ମଧ୍ୟଥିଲା । ଗ୍ରାମର ଯାନିଯାତ୍ରା, ଯାଗଯଜ୍ଞ ଆଦି ଧର୍ମାନୁଷ୍ଠାନ ଗୁଡ଼ିକରେ ଆବଶ୍ୟକ ଅର୍ଥ ସେଥିରୁ ବିନିଯୋଗ କରାଯାଉଥିଲା । ସାଂପ୍ରତିକ ସମୟର ସମବାୟ ସମିତି ଯେଉଁ ଗ୍ରାମୀଣମାନଙ୍କ ଆର୍ଥିକ କାର୍ଯ୍ୟକଳାପ କରୁଛି, ତତ୍‌କାଳୀନ ସମୟରେ ତଦନୁରୂପ କାର୍ଯ୍ୟ ଭାଗବତ ଗୋସାଇଁ ପାଣ୍ଠି ଦ୍ୱାରା କରାଯାଉଥିଲା । ବାସ୍ତବରେ ଭାଗବତ ଟୁଙ୍ଗି ଥିଲା ଗ୍ରାମ୍ୟ ସଙ୍ଗତିର ମୂର୍ତ୍ତିମନ୍ତ ପ୍ରତୀକ । ଗଣଜୀବନର ପ୍ରାଣସ୍ପନ୍ଦନ ଏବଂ ଅନନ୍ୟ ଲୋକ ସଂସ୍କୃତିର ମୂକ ସାକ୍ଷୀ ।

କେବଳ ଭାଗବତ ଘରେ ଭାଗବତ ପାଠ କରିବାର ପରମ୍ପରା ଯେ ପ୍ରଚଳିତ ଥିଲା ତାହା ନୁହେଁ ବରଂ ପ୍ରତ୍ୟେକ ଓଡ଼ିଆଙ୍କ ଘରେ ଭାଗବତ ପରାୟଣର ଅନନ୍ୟ ସଂସ୍କୃତି ପ୍ରଚଳିତ ଥିବା ଦେଖାଯାଏ । ପରିବାର ମଧ୍ୟରେ ଭାଗବତ ସପ୍ତାହ ପାଳନ କରାଯାଉଥିଲା । ସାତଦିନ ମଧ୍ୟରେ ସମ୍ପୂର୍ଣ୍ଣ ଭାଗବତ ପାଠ କରିବା ପ୍ରଥା ଆଜି ମଧ୍ୟ ଅନେକ ଘରେ ପ୍ରଚଳିତ । ବହୁ ମୁଖି ବା ଅନନ୍ତ ମୁଖରେ ଗୋଟିଏ ଦିନ ମଧ୍ୟରେ ବାରଜଣ ବ୍ରାହ୍ମଣ ବାରଟି ସ୍କନ୍ଦ ପାଠ କରୁଥିଲେ । ଦୋଳପୂର୍ଣ୍ଣମୀର ପରଦିନ ଠାରୁ ଭାଗବତ ମେଳଣର ଆୟୋଜନ ହେଉଥିଲା । ଏହି ମେଳଣରେ ଆଖପାଖ ଗ୍ରାମମାନଙ୍କରୁ ଭାଗବତ ଗୋସାଇଁମାନେ ନିମନ୍ତ୍ରିତ ହୋଇ ଆସୁଥିଲେ । ସେହିଭଳି ଜନ୍ମାଷ୍ଟମୀରେ ଭାଗବତ ଦଶମସ୍କନ୍ଦର ପ୍ରଥମ ପାଞ୍ଚଟି ଅଧ୍ୟାୟ, ଗିରି ଗୋବର୍ଦ୍ଧନ ପୂଜାରୀ ଦ୍ୱାରୀକା ଲୀଳା, ଶରତ ରାସରେ ରାସ ପଞ୍ଚାଧ୍ୟାୟୀ

ଅର୍ଥାତ୍ ଗୋପଲୀଳାର ୨୯ ରୁ ୩୩ ଅଧ୍ୟାୟ ଗାନ କରାଯାଉଥିଲା ଉପର୍ଯୁକ୍ତ ଭାଗବତ ଅନୁଷ୍ଠାନ ଗୁଡ଼ିକର ଶେଷରେ ପ୍ରସାଦ ସେବନ ବ୍ୟବସ୍ଥା କରାଯାଉଥିଲା । ପ୍ରତ୍ୟେକ ଭାଗବତ ପରାୟଣ ବ୍ୟକ୍ତି ଏହି ଅନୁଷ୍ଠାନ ଗୁଡ଼ିକୁ ଗଭୀର ଭକ୍ତି ଓ ଅଖଣ୍ଡ ନିଷ୍ଠାର ସହ ଅଂଶ ଗ୍ରହଣ କରୁଥିଲେ ।

ସୁତରାଂ ଭାଗବତ ଆମ ଗ୍ରାମ୍ୟ ଜୀବନରେ ଆଧ୍ୟାତ୍ମିକତାର ପ୍ରତିଷ୍ଠା ସହିତ ସମ୍ମିଳନୀ ଓ ସହଭାବର ଅବସର ସୃଷ୍ଟି କରିଛି । ଭାଗବତର ସୂକ୍ତି ଗୁଡ଼ିକ ଆଜି ମଧ୍ୟ ପ୍ରତ୍ୟେକ ଓଡ଼ିଆ ଘରେ ବହୁ ବ୍ୟବହୃତ ପ୍ରବଚନ ଭାବେ ପ୍ରଚଳିତ । ଏହି ସୂକ୍ତି ଗୁଡ଼ିକ ଲଘୁଭାବାପୂର୍ଣ୍ଣ ଲୋକ ବାଣୀ ନୁହେଁ; ବରଂ ସମ୍ପୂର୍ଣ୍ଣ ଶାସ୍ତ୍ରୀୟ ଓ ଗଭୀର ଜୀବନ ଦର୍ଶନ ଭିତ୍ତିକ। ମାନବ ଜୀବନର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଏଥିରେ ରହିଛି ଅଜସ୍ର ପ୍ରେରଣା ଓ ଆତ୍ମ ଚିନ୍ତନର ଖୋରାକ୍ । ପୁନଶ୍ଚ ଏହି ଭାଗବତ ଆମକୁ ଦେଇଛି ମାତୃଭାଷାର ଏକ ସ୍ୱତନ୍ତ୍ର ପରିଚୟ । ଏକଦା ଆମ ଜାତୀୟତାର ଘୋର ଦୁର୍ଦ୍ଦିନରେ ଏହି ଭାଗବତ ହିଁ ଆମକୁ ଏକତା ସୂତ୍ରରେ ବାନ୍ଧି ରଖିବାରସହାୟକ ହୋଇଥଲା । ପାଶ୍ଚାତ୍ୟ ଶିକ୍ଷା ଓ ପାଦ୍ରୀମାନଙ୍କର ହିନ୍ଦୁ ବିରୋଧି ନୀତି ପ୍ରତି ଭାଗବତ ହିଁ ଥିଲା ସେ କାଳରେ ନିରବ ପ୍ରତିବାଦ । ଏହା ଜଗନ୍ନାଥ ସଂସ୍କୃତିର ପ୍ରଚାର ଏବଂ ପ୍ରାଚୀନ ପରମ୍ପରାର ଜୟଗାନ ମଧ୍ୟ କରିଛି ।

## III. ଉପସଂହାର

ବାସ୍ତବରେ ଭାଗବତ ହେଉଛି ଭଗବତ ପ୍ରାଣତା ସାମ୍ୟ, ମୈତ୍ରୀ ଓ ଜାତୀୟତାର ନିରବ ମାହକାବ୍ୟ । ସଂପ୍ରତି ଆମ ଗ୍ରାମ୍ୟ ଜୀବନ ଆଜି ବିପନ୍ନ । ପ୍ରତ୍ୟେକ ଗ୍ରାମରେ ରାଜନୀତି ପ୍ରେରିତ ଅସାଂସ୍କୃତିକ ପରିବେଶ । ହିଂସା, ଦ୍ୱେଶ, ସ୍ୱାର୍ଥପରତା ଓ ପରଶ୍ରୀକାତରତା ଭଳି ଆମାନବୀୟ କାର୍ଯ୍ୟକଳାପ ଦ୍ୱାରା ଗ୍ରାମ୍ୟ ବାତାବରଣ ଆଜି କଳୁଷିତ । ଆଧୁନିକତାର ଖୋଳପା ମଧ୍ୟରେ ଆଜି ମଣିଷ ହୋଇପଡ଼ିଛି ମିଥ୍ୟାବାଦୀ ଓ ପ୍ରବଞ୍ଚକ । ନୀତି, ଆଦର୍ଶ ଓ ନୈତିକତା ଭଳି ମହନୀୟ ମୂଲ୍ୟବୋଧ ଗୁଡ଼ିକ ଆଜିର ମଣିଷ ପାଇଁ ତୁଚ୍ଛ ଓ ଅପ୍ରୟୋଜନୀୟ । ବାସ୍ତୁବାଦୀ ମଣିଷ ମାନବିକତା ଠାରୁ ଦୂରେଇ ଯାଇ ସଂକୀର୍ଣ୍ଣ ସ୍ୱାର୍ଥୀପରତା ମଧ୍ୟରେ କାଳତିପାତ କରୁଛି । ଏଭଳି ଏକ ବିଡ଼ମ୍ୱିତ ସାମାଜିକ ଜୀବନର ପୁନରୁର୍ଦ୍ଧାର ପାଇଁ ଆଜି ଭାଗବତ ଆବଶ୍ୟକତା ଅତ୍ୟନ୍ତ ପ୍ରାସଙ୍ଗିକ ହୋଇ ପଡ଼ିଛି । କଳୁଷିତ ଗ୍ରାମ୍ୟ ବାତବରଣକୁ ପୁନଶ୍ଚ ପୂର୍ବାବସ୍ଥାକୁ ଫେରାଇ ଆଣିବାକୁ ହେଲେ ଅପସଂସ୍କୃତିର ତାଡ଼ନାରେ ହଜିଯାଇଥିବା ସେହି ଗ୍ରାମ୍ୟ ଭାଗବତ ଟୁଙ୍ଗିର ପୁନ ପ୍ରତିଷ୍ଠା କରିବାକୁ ହେବ । ଭାଗବତ ପୁନଃପ୍ରାସର ଘଟିଲେ ବର୍ତ୍ତମାନ ଦେଖାଯାଇଥିବା ଯାବତୀୟ ସାମାଜିକ ବିଶୃଙ୍ଖଳାକୁ ରୋକାଯାଇ ପାରିବ । ଧର୍ମ ନୀତିର ପବିତ୍ର ବେଦି ଉପରେ ପୁଣି ଥରେ ହସି ଉଠିବ ଓଡ଼ିଆର ଅନନ୍ୟ ଗ୍ରାମ୍ୟ ଜୀବନ ।

### ସହାୟକ ଗ୍ରନ୍ଥସୂଚୀ

[1]. ଜଗନ୍ନାଥ ଦାସ, 'ଭାଗବତ', ନୂତନ ମୁଦ୍ରଣ, ବ୍ରହ୍ମପୁର; ନବଯୁଗ ବୁକ୍‌ଷ୍ଟଲ୍
[2]. ସୃଷ୍ଟି ସମୀକ୍ଷା, ଖ୍ରୀଷ୍ଟ କଲେଜ
[3]. ସୁରେନ୍ଦ୍ର ମହାରଣା, 'ଓଡ଼ିଆ ସାହିତ୍ୟର ଇତିହାସ'
[4]. ଦିବାକର ଦାସ, 'ଶ୍ରୀ ଜଗନ୍ନାଥଚରିତାମୃତ', ବଡ଼ ଓଡ଼ିଆ ମଠ
[5]. ସୂର୍ଯ୍ୟନାରାୟଣ ଦାଶ, 'ଓଡ଼ିଆ ସାହିତ୍ୟର ଇତିହାସ', ଭାଗ-୨, ଭାଗ-୩,
[6]. ମାୟାଧର ମାନସିଂ, 'ଓଡ଼ିଆ ସାହିତ୍ୟର ଇତିହାସ'